# Akashvani, Sambalpur

## SAMBALPURI NEWS EVENING BULLETIN

## 21 March 2026-7.02- 7.12 pm.

---

୧- ଜଙ୍ଗଲ୍‌ର ସଂରକ୍ଷଣ୍ ଲାଗି ସଭେ ପ୍ରତିଶ୍ରୁତିବଦ୍ଧ ହେବାର୍‌କେ ଆହ୍ୱାନ୍ ଦେଲେ ମୁଖ୍ୟମନ୍ତ୍ରୀ ।

- ଜଙ୍ଗଲ୍ ଆଉ ଅର୍ଥନୀତିର୍ ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଜଙ୍ଗଲ୍ ଦିବସ୍ ।

୨- ଓଡ଼ିଶାର୍ ସଂସ୍କୃତି ଆଉ ଐତିହ୍ୟକେ ବିଶ୍ୱ ଦର୍‌ବାର୍ ନ ପୁହୁଁଚାବାର୍ ଲାଗି ଗୁଜୁରାଟ୍ ନ ଉଦ୍‌ଘାଟିତ୍ ହେଲା ଓଡ଼ିଶା ପରବ୍ ।

୩- ମୁସଲ୍‌ମାନ୍ ସମ୍ପ୍ରଦାୟ ତର୍‌ଫୁ ଉସ୍‌ନାକିଥି ପାଲନ୍ ହେଉଛେ ଇଦ୍-ଉଲ୍-ଫିତର୍ ପରବ୍ ।

୪- ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍‌ର ସମ୍ପ୍ରସାରଣ୍ ଲାଗି ତିଆର୍ ହେଲା ରୂପରେଖ ।

ଆଉର୍

୫- ପୁରୀ ସମୁଦ୍ରଖଁଡ଼ି ନ ଆଏଜ୍‌ଠାନୁ ମୁଲ୍ ହେଲା ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍ ।

## ଆନ୍ତର୍ଜାତିକ୍ ଜଙ୍ଗଲ୍ ଦିବସ୍ ଆଇ.ଆଣ୍ଡ୍.ପି.ଆର୍/ସିଏମ୍‌ଓ

ଜଙ୍ଗଲ୍‌ର ମହତ୍ୱ ଆର୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଜଙ୍ଗଲ୍ ଦିବସ୍ । ଇ ବଛ୍‌ରର୍ ବିଶ୍ୱ ଜଙ୍ଗଲ୍ ଦିବସ୍‌ର ବାର୍ତା ହେଉଛେ 'ଜଙ୍ଗଲ ଆଉ ଅର୍ଥନୀତି' ।

ବିଶ୍ୱ ଜଙ୍ଗଲ୍ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ପରିସର୍ ନ ହେଇଥିବା ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍‌ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜଙ୍ଗଲ୍‌ର ସୁରକ୍ଷା ଆଉ ସଂରକ୍ଷଣ୍ ଉପ୍‌ରେ ଜୋର୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଏଛ୍‌ନିର୍ ସମିଆଥି ଆଧୁନିକ୍ ପ୍ରଯୁକ୍ତିବିଦ୍ୟାର୍ ଉପଯୋଗ୍ କରାଯାଇକରି ଜଙ୍ଗଲ୍ ନିଆଁ ରୁକ୍‌ବାର୍ ସହେତେ ତାର୍ ସୁରକ୍ଷା ଲାଗି ବହୁତ୍‌ଟେ ପଦକ୍ଷେପ୍ ନିଆଯାଉଛେ । ଜଙ୍ଗଲ୍‌ର ସଂରକ୍ଷଣ୍

ଲାଗି ସଭେ ପ୍ରତିଶ୍ରୁତିବଦ୍ଧ ହେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ହେଇଥିବା ଫଟୋ ପ୍ରଦର୍ଶନୀକେ ମୁଖ୍ୟମନ୍ତ୍ରୀ ବୁଲି ଦେଖିବାର୍ ସଙ୍ଗେ ବନ ସୁରକ୍ଷା ଆଉ ଜୈବ ବିବିଧତାର୍ ସଂରକ୍ଷଣ୍ ଦିଗେ ଓଡ଼ିଶାର୍ ସଫଲତା ବାବ୍‌ଦେ ଆଲୋଚନା କରିଛନ୍ ।

ଓଡ଼ିଶା ପରବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ସମୃଦ୍ଧ ଖାଦ୍ୟ, ହସ୍ତଶିଳ୍ପ, ସଂସ୍କୃତି ଆଉ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ୍ ଜାଗାମାନ୍‌କୁ ବିଶ୍ୱସ୍ତର୍ ନ ପରିଚିତ୍ କର୍‌ବାର୍ ଲାଗି ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଗୁଜୁରାଟ୍‌ର ଅହମଦାବାଦ୍ ଠାନେ ଆଏଜ୍‌ଠାନୁ ଓଡ଼ିଶା ପରବ୍ ମୁଲ୍ ହେଇଛେ । ଉଦ୍‌ଘାଟନୀ ସମାରୋହଥି ଗୁଜୁରାଟ୍ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍, ଉପମୁଖ୍ୟମନ୍ତ୍ରୀ ହର୍ଷ ସଂଘଭି, ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇଛନ୍ ।

ଚୁକ୍ତିଭିତିକ ଶିକ୍ଷକ୍ ନିଯୁକ୍ତି-ଗଣଶିକ୍ଷାମନ୍ତ୍ରୀ ଏକ୍ସ

ରାଏଜେ ଆଉ ଚୁକ୍ତିଭିତିକ ଶିକ୍ଷକ୍ ନିଯୁକ୍ତି ନାଇଁ କରାଯାଏ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ଆଏବା ୩ ବଛର୍ ଭିତ୍‌ରେ ରାଜ୍ୟର୍ ପ୍ରାଥମିକ ବିଦ୍ୟାଲୟମାନ୍‌କେ ୪୫ ହଜାର୍ ଶିକ୍ଷକ ନିଯୁକ୍ତି ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଛନ୍ । ୨୦୨୬-୨୭ ଆର୍ଥିକ୍ ବଛ୍‌ରେ ୧୫ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ଦେବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇତାର୍‌ସହେତେ ଯୁଦ୍ଧକାଲୀନ୍ ଭିତିଥି ବିଦ୍ୟାଲୟମାନ୍‌କେ ଚେୟାର୍ ଆଉ ଡେସ୍କ ଯୁଗେଇ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ସଚିବସ୍ତରୀୟ ବୈଠକ୍ ହି.ସ.

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ରାଜ୍ୟ ବଜେଟ୍‌କେ ନେଇକରି

ଗୁଟେ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍ଥି ଆଏଜ୍ତକ୍ ୨୦୨୫ -୨୬ ବଜେଟ୍ର ଖର୍ଚ୍ଚା ଆଉ ରାଜସ୍ୱ ଆଦାୟ ଲକ୍ଷ୍ୟ ହାସଲ୍, ୨୦୨୬-୨୭ ରାଜ୍ୟ ବଜେଟ୍କେ ନେଇକରି ଭିନ୍ ଭିନ୍ ସ୍ତର୍ଥି ଜନସୂଚନା ବାବ୍ଦେ ଆଲୋଚନା କରାଯାଇଛେ । ଇତାର୍ସହେତେ ଭିନ୍ ଭିନ୍ ବିଭାଗ୍ ନ ଖାଲି ପଡ଼ିଥିବା ପଦ୍ବୀ ପୂରଣ୍, ଓଡ଼ିଶା ଭିଜନ୍ ୨୦୩୬ ଆଉ ୨୦୪୭ ର ଅଗ୍ରଗତିର୍ ତଦାରଖ୍, ଭୁବ୍ନେଶ୍ୱର୍-କଟକ୍-ପୁରୀ- ପାରାଦ୍ୱୀପ୍ ଅର୍ଥନୈତିକ ଅଂଚଳ ବିକାଶ୍, ଆଇ-ଜିଓଟି ର କର୍ମଯୋଗୀ ପ୍ଲାଟଫର୍ମଥି କର୍ମଚାରୀଙ୍କର୍ ଦକ୍ଷତା ବଢ଼ାବାର୍ ତାଲିମ୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ଇଦ୍ ଆର୍ଏନ୍ୟୁ ସମ୍ବଲପୁର୍/ ସୁବର୍ଣ୍ଣପୁର/ ବୌଦ୍ଧ/ ନୂଆପଡ଼ା

ରାଏଜେ ଆଏଜ୍ ଇସ୍ଲାମ୍ ଧର୍ମାବଲମ୍ବୀଙ୍କର୍ ପବିତ୍ର ଇଦ୍-ଉଲ୍-ଫିତର୍ ପରବ୍ ପାଲନ୍ କରାଯାଉଛେ । ମୁସଲ୍ମାନ୍ ଭାଏବହେନ୍ମାନେ ଗଲା ମାସେ ହେଲା ପବିତ୍ର ରମ୍ଜାନ୍ ମାସ୍ ପାଲନ୍ କରିକରି ରୋଜା ରଖୁଥିଲେ । ଇ ଧରମ୍ ମାସ୍ ଆଏଜ୍ ଇଦ-ଉଲ୍-ଫିତର୍- 'ଇଦ୍' ସାଙ୍ଗେ ଶେଷ୍ ହେଉଛେ । ଇ ଅବ୍ସରେ

ଆଏଜ୍ ମସ୍‌ଜିତ୍ ଆଉ ଦର୍‌ଗାହ ପଡ଼ିଆମାନ୍‌କେ ସମୂହ ନମାଜ୍ ପାଠ୍ କରିକରି ମୁସ୍‌ଲିମ୍ ସମ୍ପ୍ରଦାୟର୍ ଲୁକେ ଇଦ୍ ଲାଗି ଶୁଭେଚ୍ଛା ଦିଆନିଆ ହେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ସହେତେ ତର୍‌ଭା, ବିନ୍‌କା, ବୀର୍‌ମହାରାଜ୍‌ପୁର୍ ଆଉ ନାରାୟଣ୍‌ପୁର୍ ଇଲାକା ନ ମୁସଲ୍‌ମାନ୍ ଭାଇବହେନ୍‌ମାନେ ଇଦ୍ ପାଲନ୍ କରୁଛନ୍ । ନୂଆପଡ଼ା ଜିଲ୍ଲା ନ ଭିଲ୍ ସମ୍ପ୍ରଦାୟର୍ ଲୁକେ ସାମୂହିକ୍ ପ୍ରାର୍ଥନା କରିଛନ୍ । ବୌଦ୍ଧ ଜିଲ୍ଲା ସଦର୍ ଆଉ ମନମୁଣ୍ଡା ଠାନେ ଇଦ୍ ପରବ୍ ଅବ୍‌ସରେ ମୌଲାନାମାନେ ପବିତ୍ର କୋରାନ୍ ଉପ୍‌ରେ ପ୍ରବଚନ୍ ଦେବାର୍ ସହେତେ ନମାଜ୍ ପାଠ୍ କରେଇଥିଲେ ।

ଇଦ୍ ପର୍ବ ଲାଗି କଟକ୍, ସମ୍ବଲପୁର୍, କେନ୍ଦ୍ରାପଡ଼ା, ବାଲେଶ୍ୱର୍, ଭଦ୍ରକ୍ ନ ପୁଲିସ୍ ତର୍‌ଫୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ସମ୍ପ୍ରସାରଣ୍ ବୈଠକ୍ ହି.ସ.

ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍‌ର ସମ୍ପ୍ରସାରଣ୍ ଲାଗି ରାଜ୍ୟ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଏନ୍.ବି.ଏସ୍.ରାଜ୍‌ପୁତ୍ ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍ ପରିସର୍ ନ ହେଇଥିବା ସମୀକ୍ଷା ବୈଠକ୍‌ଥି ଖାସ୍ କରି ବିମାନ୍ ବନ୍ଦର୍‌କେ ଅନ୍ତର୍ଜାତୀୟ ସ୍ତରର୍ ବନାବାର୍ ଲାଗି ଆଲୋଚନା କରାଯାଇକରି ଯୋଜ୍‌ନା ତିଆର୍ କରାଯାଇଛେ । ବୈଠକ୍‌ଥି ଜିଲ୍ଲାପାଳ୍ କୁନାଲ୍ ମୋତିରାମ୍ ଚୌହାନ୍ ଉପସ୍ଥିତ୍ ରହିକରି ବିମାନ୍ ବନ୍ଦର୍ ସମ୍ପ୍ରସାରଣ୍ ଲାଗି ଦର୍‌କାର୍ ଜମି ଅଧିଗ୍ରହଣ୍ ଆଉ ପ୍ରଶାସନିକ୍ ପ୍ରସ୍ତୁତି ବାବ୍‌ଦେ ସୂଚ୍‌ନା ଦେଇଥିଲେ ।

ବିଶ୍ୱ ବନଦିବସ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ବିଶ୍ୱ ବନଦିବସ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବନଖଣ୍ଡ ଅଧିକାରୀ ଅଶୋକ ଭଟ୍ଟ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପରିବେଶ୍ ଆଉ ଜଙ୍ଗଲ୍ ସୁରକ୍ଷା ଦିଗେ ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଉଥିବା ପଦକ୍ଷେପ୍

ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ବନୀକରଣ ଆଉ ପରିବେଶ୍ ସୁରକ୍ଷା ଦିଗେ କାମ୍ କରୁଥିବା ଅନୁଷ୍ଠାନ୍‌ମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ବନମାଲୀ ବାବୁ ଜୟନ୍ତୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ପାଠାଗାର୍ ଠାନେ ଆଘର୍ ମନ୍ତ୍ରୀ ଆଉ ସାଂସଦ୍ ବନମାଲୀ ବାବୁଙ୍କର୍ ଶହେ ୯ ନମ୍ବର୍ ଜୟନ୍ତୀ ଉତ୍ସବ୍ ପାଲିତ୍ ହେଇଯାଇଛେ । ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର୍ ଆଦିତ୍ୟ ପ୍ରସାଦ୍ ପାଢ଼ୀଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଆଘର୍ ସାଂସଦ୍ ଭବାନୀଶଙ୍କର୍ ହୋତା ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର୍ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଅତିଥି ମାନେ ଯୋଗ୍ ଦେଇକରି ସମ୍ବଲ୍‌ପୁର୍ ନ ଶିକ୍ଷାକ୍ଷେତ୍ରର୍ ବିକାଶ୍ ଦିଗେ ସ୍ୱର୍ଗତ ବନମାଲୀ ବାବୁଙ୍କର୍ ଅବଦାନ୍ ବାବ୍‌ଦେ ଆଲୋଚନା କରିଥିଲେ ।

ଶ୍ରୀରଙ୍ଗ ସମାଗମ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଆଉ ଶ୍ରୀ କଲ୍‌ଚରାଲ୍ ଏସୋସିଏସନ୍ ତର୍‌ଫୁ ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ଆଏଜ୍ ଠାନୁ ୩ ଦିନିଆ ଜାତୀୟ ନାଟ୍ୟ ମହୋତ୍ସବ୍ ଶ୍ରୀରଙ୍ଗ ସମାଗମ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌ର ପହେଲା ସଞ୍ଝେ ଭୁବ୍‌ନେଶ୍ୱର୍ ଲାବଣ୍ୟ ଥିଏଟର୍ ତର୍‌ଫୁ ସତ୍ୟ ଜେନାଙ୍କର୍ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଅନାଗତ' ମଂଚସ୍ଥ ହେଉଛେ । ଆଏବା କାଏଲ୍ ସଖାଲର୍ ୧୧ ବଜେ ଗୁଟେ ଆଲୋଚନାଚକ୍ର ହେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ନବରାତ୍ର ପୂଜା ସୁବର୍ଣ୍ଣପୁର ସମ୍ବାଦଦାତା

ବାସନ୍ତିକ ଚୈତ୍ ପରବ୍ ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଶକ୍ତିପୀଠ ନ ନବରାତ୍ର ପୂଜା କରାଯାଉଛେ । ଜିଲ୍ଲାର୍ ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ପାଖେ ସ୍ୱତନ୍ତ୍ର ଚଣ୍ଡିପାଠ ଆଉ ହୋମଯଜ୍ଞର୍ ଆୟୋଜନ୍ କରାଯାଇଛେ । ଇତାର୍‌ସହେତେ ମା କୋଶଳେଶ୍ୱରୀ, ରାମଚଣ୍ଡି, ଚର୍‌ଦେଇ,

ମେଟାକାନୀ, ମାହେଶ୍ୱରୀ ଆଉ ପରମେଶ୍ୱରୀ ପୀଠ ନ ଖାସ୍ ପୂଜାଧଜା କରାଯାଉଛେ ।

## ବିଶ୍ୱ ବନ ଦିବସ୍ ବୌଦ୍ଧ ସମ୍ୱାଦଦାତା

ବୌଦ୍ଧ ଜିଲ୍ଲା ବୀରନରସିଂହପୁର୍ ନର୍ସରୀ ଠାନେ ବୌଦ୍ଧ ବନଖଣ୍ଡ ତର୍ଫୁ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଅତିଥି ମାନେ ବନୀକରଣ, ଗଛର୍ ସୁରକ୍ଷା ଆଉ ନିଆଁନୁ ଜଙ୍ଗଲ୍କେ ରକ୍ଷା କର୍ବାର୍ ବାବ୍ଦେ ସଚେତନ୍ କରିଥିଲେ । ଇ ଅବ୍ସରେ ଜଙ୍ଗଲ୍ ସୁରକ୍ଷା ଲାଗି ସାମୂହିକ୍ ଶପଥ୍ ପାଠ କରାଯାଇଥିଲା ।

## ଜିଲ୍ଲାପାଲ୍ ସମୀକ୍ଷା ଦେବ୍ଗଡ଼୍ ସମ୍ୱାଦଦାତା

ଦେବ୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ତାଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲା ନ ଚାଲିଥିବା ଉନ୍ନୟନ ପ୍ରକଳ୍ପ ମାନ୍କର୍ ଅଗ୍ରଗତିର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲା ଆଉ

ବ୍ଲକ୍‌ସ୍ତର୍ ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପ, ପର୍ଯ୍ୟଟନ୍ ବିକାଶ୍, ସ୍ୱାସ୍ଥ୍ୟ, କ୍ରୀଡ଼ା ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କରାଯାଇଥିଲା ।

ଜମି ବିବାଦ୍ ମାମ୍‌ଲା ଫଏସଲା         ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ତହସିଲ୍ କାର୍ଯ୍ୟାଳୟ ତର୍‌ଫୁ ଓଡ଼ିଶା ସର୍ଭେ ଆଉ ସେଟଲ୍‌ମେଂଟ୍ ଅଧିନିୟମ୍-୧୯୬୨ ଅନ୍‌ସାରେ ଶହେ ୭୦ ଟା ଜମିଜମା ବିବାଦ୍ ମାମ୍‌ଲାର୍ ଶୁଣାଣି କରାଯାଇଥିଲା । ସେଥିର୍‌ଭିତ୍‌ରୁ ୩୪ ଟା ମାମ୍‌ଲାର୍ ଫଏସଲା କରାଯାଇକରି ହିତାଧିକାରୀମାନ୍‌କୁ ରେକର୍ଡ଼ ଅଧିକାର୍ ହସ୍ତାନ୍ତର୍ କରାଯାଇଥିଲା ।

ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍        ପୁରୀ ସମ୍ବାଦଦାତା

ସାରାଦେଶେ ଫିଟ୍ ଇଣ୍ଡିଆ ଆନ୍ଦୋଲନ୍ ଜରିଏ ସୁସ୍ୱାସ୍ଥ୍ୟ, ସଂସ୍କୃତି ଆଉ ସାମ୍ପ୍ରଦାୟିକ୍ ସମ୍ପର୍କକେ ଏକ୍‌ଜୁଟ୍ କର୍‌ବାର୍‌କେ

ସରକାର୍ ଲକ୍ଷ୍ୟ ରଖିଛନ୍ ବଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ପୁରୀ ସମୁଦ୍ରଖଁଡ଼ି ଗୋଲ୍ଡେନ୍ ବିଚ୍ ନ ହେଇଥିବା ୩ ଦିନିଆ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍‌କେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ସୂରଜ୍ ବିକଶିତ ଭାରତ ଲକ୍ଷ୍ୟ ହାସଲ୍ ଦିଗେ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ପ୍ରମାଣିତ୍ ହେବା ବଲି କହିଛନ୍ ।

କାର୍ଣ୍ଣିଭାଲ୍‌ଥି ଯୋଗ, ଜୁମ୍ବା ସହେତେ ପାରମ୍ପରିକ୍ କ୍ରୀଡ଼ା, ସ୍ୱଦେଶୀ କ୍ରୀଡ଼ା, ବେଳାଭୂମି କ୍ରିକେଟ୍, ଭଲିବଲ୍, କୁସ୍ତି ବାଗିର୍ ଖେଲ୍‌ର ଆୟୋଜନ୍ କରାଯାଉଛେ । ସଞ୍ଜ୍‌ବେଲେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ଥି ଗୋଟିପୁଅ ନୃତ୍ୟ, ପାଇକ ଆଖଡ଼୍ା ସମ୍ବଲ୍‌ପୁରୀ ନାଚ୍ ପ୍ରଦର୍ଶନ୍ କରାଯାଉଛେ । କାର୍ଯ୍ୟକ୍ରମ୍‌ଥି ଫି’ ଦିନ କମ୍‌ସେକମ୍ ୩୦ ମିନିଟ୍ ଯୋଗ୍ ଦେବାର୍‌କେ ଲୁକ୍‌କୁ ଅନୁରୋଧ୍ କରାଯାଇଛେ ।

ପାରା ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୨୪ ନମ୍ବର୍ ଜାତୀୟ ପାରା ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍-୨୦୨୬ ଆଏଜ୍

ଉଦ୍ଯାପିତ୍ ହେଉଛେ । କିଛି ସମିଆ ଆଘୋନୁ ମୁଲ୍ ହେଇଥିବା ଉଦ୍ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଓଡ଼ିଶା ପାରା କ୍ରୀଡ଼ା ସଂଘ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବବ୍ୟାପାର୍ ବିଭାଗ୍ ତର୍ଫୁ ହଉଥିବା ଇ ପ୍ରତିଯୋଗିତାଥି ୨୮ଟା ରାଜ୍ୟ ସହେତେ ବିଏସ୍ଏଫ୍, ଏସ୍ଏସ୍ସିବିର୍ ୧ ହଜାର ୪ ଶହ ୬୦ ଝନ୍ ଖେଲାଲି ଭାଗ୍ ନେଇଥିଲେ । ଇଥି ଶହେ ୪୫ ନୁ ଅଏତ୍କା ବର୍ଗଥି ଖେଲ୍ ହେଇଥିଲା । ପ୍ରତିଯୋଗିତାଥି ଓଡ଼ିଶାନୁ ୪୦ ଝନ୍ କ୍ରୀଡ଼ାବିତ୍ ଭାଗ୍ ନେଇଥିଲେ ।